# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 06 January – 2026

*******************************

## ମୁଖ୍ୟ ସମ୍ବାଦ

- ବୈଷୟିକ ଜ୍ଞାନକୌଶଳର ବ୍ୟବହାର ଏବଂ ଗ୍ରାମ ସ୍ୱରାଜ ଲକ୍ଷ୍ୟକୁ ପୂରଣ କରିବା ଦିଗରେ ଭିବି-ଜି.ରାମ.ଜି ଆଇନ୍ ସହାୟକ ହେବ; କହିଲେ ମୁଖ୍ୟମନ୍ତ୍ରୀ
- ଓଡ଼ିଆ ସମେତ ୫୫ଟି ସାହିତ୍ୟ କୃତିକୁ ଉନ୍ମୋଚନ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ
- ବାୟୁ ପ୍ରଦୂଷଣ ମାତ୍ରାକୁ ନିୟନ୍ତ୍ରଣ କରିବା ପାଇଁ କଟକ ଓ ଭୁବନେଶ୍ୱରରେ ଆଜିଠାରୁ ଲାଗୁ ହେଲା କଟକଣା
- ପଂଚାୟତଗୁଡ଼ିକର ଦକ୍ଷତା ବୃଦ୍ଧି ଏବଂ ମହିଳାମାନଙ୍କୁ ପାଣି ପଂଚାୟତ ବ୍ୟବସ୍ଥାରେ ସାମିଲ କରିବା ଲକ୍ଷ୍ୟ ନେଇ ଆଜିଠାରୁ  ଆରମ୍ଭ ହେଲା ପାଣି ପଂଚାୟତ ପକ୍ଷ

ଏବଂ

- ଷଷ୍ଠ ଜାତୀୟ ଚିଲିକା ବିହଙ୍ଗ ଉତ୍ସବ ଆଜିଠାରୁ ଭୁବନେଶ୍ୱରରେ ଆରମ୍ଭ

## ଜି.ରାମ.ଜି

ବିକଶିତ ଭାରତ-ଜି.ରାମ.ଜି. ଆଇନର ଉପାଦେୟତା ଏବଂ ଏହାର ଲକ୍ଷ୍ୟ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିସ୍ତୃତ ସୂଚନା ପ୍ରଦାନ କରିଛନ୍ତି। ଭୁବନେଶ୍ୱରସ୍ଥିତ ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ବୈଷୟିକ ଜ୍ଞାନକୌଶଳର ବ୍ୟବହାର କରାଯାଇ ଦୁର୍ନୀତି ହଟାଇବା ଏହି ଆଇନ୍‌ର ମୁଖ୍ୟ ଉଦ୍ଦେଶ୍ୟ। ଗ୍ରାମ ସ୍ୱରାଜ ଲକ୍ଷ୍ୟକୁ ପୂରଣ କରି ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଗଠନ ପାଇଁ ଏହି ଆଇନ୍‌ରେ ବ୍ୟବସ୍ଥା ରହିଛି। ଏହି ଯୋଜନା ଅଧୀନରେ ବାର୍ଷିକ କର୍ମନିଯୁକ୍ତି ଅବଧିକୁ ୧୦୦ ରୁ ୧୨୫ ଦିନକୁ ବୃଦ୍ଧି କରାଯାଇଛି।

ସେହିପରି ୨୬୦ ପ୍ରକାରର ଛୋଟବଡ଼ କାମ ମଧ୍ୟରୁ ଜଳସୁରକ୍ଷା, ଗ୍ରାମାଞ୍ଚଳ ଭିତ୍ତିଭୂମି, ଜୀବିକା ସୁରକ୍ଷା ଓ ଜଳବାୟୁ ସୁରକ୍ଷାକୁ ଗୁରୁତ୍ୱ ପ୍ରଦାନ କରାଯାଇଛି। ଏହି ନୂଆ ଆଇନ୍‌ରେ କୃଷକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଅମଳ ସମୟରେ କାମ ପ୍ରଦାନକୁ ବନ୍ଦ କରାଯାଇଛି। ଏହାଦ୍ୱାରା କୃଷି କ୍ଷେତ୍ରରେ ଶ୍ରମିକ ଅଭାବ ଏବଂ ମଜୁରୀ ବୃଦ୍ଧି ସମସ୍ୟାକୁ ରୋକାଯାଇ ପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

**- V/O -**

ଆଇନ୍‌ର ସଫଳ ରୂପାୟନ ପାଇଁ ବୈଷୟିକ ଜ୍ଞାନ କୌଶଳକୁ ବ୍ୟାପକ ବ୍ୟବହାର କରାଯାଇ ଏଥିରେ ସ୍ୱଚ୍ଛତା ଅଣାଯିବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି

ପ୍ରକାଶ କରିଛନ୍ତି। ନିଯୁକ୍ତି ଭତ୍ତା ପାଇଁ ସମୟଭିତ୍ତିକ ବ୍ୟବସ୍ଥା କରାଯାଇଛି। କାମ ମାଗିବାର ୧୫ ଦିନ ମଧ୍ୟରେ କାମ ନ ମିଳିଲେ ଏ ବାବଦରେ ଭତ୍ତା ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ପ୍ରଧାନ-କ୍ଲାସିକାଲ୍ ଲାଙ୍ଗୁଏଜ୍

ଓଡ଼ିଆ, କର୍ଣ୍ଣାଡ,ତାମିଲ, ତେଲୁଗୁ ଓ ମାଲାୟାଲମ ଶାସ୍ତ୍ରୀୟ ଭାଷା ଲାଗି ୫୫ଟି ସାହିତ୍ୟ କୃତିକୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଉନ୍ମୋଚନ କରିଛନ୍ତି । ଏହି କୃତିଗୁଡ଼ିକ କେନ୍ଦ୍ରୀୟ ଭାରତୀୟ ଭାଷା ପ୍ରତିଷ୍ଠାନ ଅଧୀନରେ ବିକଶିତ ହୋଇଛି । ନୂଆଦିଲ୍ଲୀଠାରେ ଗଣମାଧ୍ୟମକୁ ଶ୍ରୀ ପ୍ରଧାନ କହିଛନ୍ତି, ଭାରତୀୟ ଭାଷା ଦେଶର ସମାଜକୁ ସଂଯୋଗ କରୁଛି । ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସବୁ ଭାରତୀୟ ଭାଷା ଜାତୀୟ ଭାଷା ବୋଲି ଅଭିହିତ କରିଛନ୍ତି । ଗତବର୍ଷ ଦେଶର ୫ଟି ଭାଷାକୁ ସେମାନଙ୍କର ପ୍ରାଚୀନ ମୌଳିକତା ଯୋଗୁଁ ଶାସ୍ତ୍ରୀୟ ଭାଷାର ମାନ୍ୟତା ମିଳିଥିଲା । ସେଗୁଡ଼ିକ ହେଉଛି, ମରାଠି, ତେଲୁଗୁ, ବେଙ୍ଗଲୀ, ଅହମିୟା, ପାଲି ଏବଂ ପ୍ରାକୃତ ।

## ତାଲିମ-ମୁକେଶ ମହାଲିଙ୍ଗ

ରାଜ୍ୟର ମାଧ୍ୟମିକ ଓ ଉଚ୍ଚମାଧ୍ୟମିକ ଛାତ୍ରଛାତ୍ରୀଙ୍କ ପାଇଁ କୃତ୍ରିମ ବୁଦ୍ଧିମତ୍ତା, ଆୟୋଟି, ରୋବୋଟିକ୍ସ ଏବଂ ସାଇବର ସୁରକ୍ଷା ସମ୍ବନ୍ଧୀୟ ତାଲିମ୍ କାର୍ଯ୍ୟକ୍ରମକୁ ଆଜି ଇଲେକ୍‌ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଉଦ୍‌ଘାଟନ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ୧୦୦ଟି

ବିଦ୍ୟାଳୟର ୧ ହଜାର ୨୦୦ ଜଣ ଛାତ୍ରଛାତ୍ରୀଙ୍କୁ ତାଲିମ୍ ପ୍ରଦାନ କରାଯିବ। କାର୍ଯ୍ୟକ୍ରମରେ ସ୍କୁଲ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉପସ୍ଥିତ ଥିଲେ।

## ସୂର୍ଯ୍ୟବଂଶୀ ସୂରଜ

**ଭଦ୍ରକ** ସଂସ୍କୃତି ଭବନଠାରେ ବିଶିଷ୍ଟ ସାହିତ୍ୟିକ, ଶିକ୍ଷାବିତ୍ ସୂର୍ଯ୍ୟମଣୀ ବିଶ୍ୱାଲଙ୍କ ସ୍ମୃତି ସମାରୋହରେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ କ୍ରୀଡା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗ ଦେଇଛନ୍ତି। ଯୁବପିଢ଼ିମାନେ ପୂଜ୍ୟ ପୂଜାକୁ ସମ୍ମାନ ଜଣାଇ ସେମାନଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ।

# ସିବିଏସ୍ଇ

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ-ସିବିଏସ୍ଇ ଛାତ୍ରଛାତ୍ରୀଙ୍କ ପରୀକ୍ଷା ଚାପକୁ ଦୂର କରିବା ପାଇଁ ସାଇକୋ ସୋସିଆଲ୍ କାଉନ୍ସେଲିଂ ସପୋର୍ଟ ବ୍ୟବସ୍ଥା ଆଜିଠାରୁ ଆରମ୍ଭ କରିଛି । ଦଶମ ଏବଂ ଦ୍ୱାଦଶ ଶ୍ରେଣୀର ପରୀକ୍ଷାର୍ଥୀଙ୍କ ପାଇଁ ମାଗଣା ସାଇକୋ ସୋସିଆଲ୍ କାଉନ୍ସେଲିଂ ସେବାର ପ୍ରଥମ ପର୍ଯ୍ୟାୟ ଆସନ୍ତା ଜୁନ୍ ୧ ତାରିଖ ପର୍ଯ୍ୟନ୍ତ ଜାରି ରହିବ । ଏହି ବ୍ୟବସ୍ଥା ଛାତ୍ରଛାତ୍ରୀଙ୍କ ଆତ୍ମବିଶ୍ୱାସ ବୃଦ୍ଧି କରିବା ସହ ମାନସିକ ସନ୍ତୁଳନ ରକ୍ଷା କରିବାରେ ସହାୟକ ହେବ । ଏହି ସେବାର ସୁବିଧା ପାଇବା ପାଇଁ ଛାତ୍ରଛାତ୍ରୀମାନେ ଟୋଲ୍ ଫ୍ରି ନମ୍ବର ୧୮୦୦-୧୧-୮୦୦୪କୁ ଡାଏଲ୍ କରିପାରିବେ । ସେମାନଙ୍କୁ ଇଣ୍ଟେରାକ୍ଟିଭ୍ ଭଏସ୍ ରେସ୍ପନ୍ସ ସିଷ୍ଟମ୍

ମାଧ୍ୟମରେ ହିନ୍ଦୀ ଏବଂ ଇଂରାଜୀରେ ଦିବାରାତ୍ର ସହାୟତା ଯୋଗାଇ ଦିଆଯିବ ବୋଲି ବୋର୍ଡ ସୂଚନା ଦେଇଛି ।

## ପ୍ରଦୂଷଣ କଟକଣା

କଟକ-ଭୁବନେଶ୍ୱରରେ ବାୟୁ ପ୍ରଦୂଷଣ ମାତ୍ରାକୁ ରୋକିବା ପାଇଁ  ରାଜ୍ୟ ସରକାର କଟକଣା ଲାଗୁ କରିଛନ୍ତି। ଆଜିଠାରୁ ୭ ଦିନ ପର୍ଯ୍ୟନ୍ତ କଟକ-ଭୁବନେଶ୍ୱରରେ ସନ୍ଧ୍ୟା ୬ଟାରୁ ସକାଳ ୧୦ଟା ପର୍ଯ୍ୟନ୍ତ ସମସ୍ତ ନିର୍ମାଣ କାର୍ଯ୍ୟ ବନ୍ଦ ରହିବ ବୋଲି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ସୂଚନା ଦେଇଛନ୍ତି। ଜାତୀୟ ରାଜପଥରେ ଧୂଳି ନିୟନ୍ତ୍ରଣ ପାଇଁ ଦିନକୁ ତିନି ଥର ପାଣି ସିଞ୍ଚନ କରାଯିବ। ବାହାରେ ଆବର୍ଜନା କିମ୍ବା ଢ଼ାବାରେ କୋଇଲା ଜାଳିବା, ସହର ମଧ୍ୟରେ ଭଙ୍ଗାରୁଜା କାର୍ଯ୍ୟ ଉପରେ କଟକଣା ଲାଗୁ କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ କହିଛନ୍ତି। ୭ ଦିନ ପରେ ଉଭୟ ସହରର ସ୍ଥିତିକୁ ସମୀକ୍ଷା କରାଯିବ। ଆବଶ୍ୟକସ୍ଥଳେ ଏହି କଟକଣାକୁ ବୃଦ୍ଧି କରାଯାଇ ପାରେ ବୋଲି ଜଣାପଡିଛି। ପୂର୍ବରୁ ତାଳଚେର ଓ ବାଲେଶ୍ୱରରେ ସ୍ଥାନୀୟ ପ୍ରଶାସନ ବାୟୁ ପ୍ରଦୂଷଣ ନେଇ କଟକଣା ଜାରି କରିଛନ୍ତି।

## ପାଣି ପଞ୍ଚାୟତ ପକ୍ଷ

ପାଣି ପଂଚାୟତଙ୍କଗୁଡ଼ିକର ଦକ୍ଷତା ବିକାଶ ତଥା କୃଷକମାନଙ୍କୁ ଜଳସେଚନ କ୍ଷେତ୍ରରେ ସଶକ୍ତ କରିବା ଲକ୍ଷ୍ୟ ନେଇ ରାଜ୍ୟବ୍ୟାପୀ ଆଜିଠାରୁ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ପାଣି ପଞ୍ଚାୟତ ପକ୍ଷ ପାଳନ କରାଯାଉଛି। ଜଳସମ୍ପଦ ବିଭାଗ ପକ୍ଷରୁ ଏହି କାର୍ଯ୍ୟକ୍ରମ ଅଧୀନରେ ପାଣି ପଞ୍ଚାୟତ

ସଦସ୍ୟମାନଙ୍କୁ ତାଲିମ୍ ପ୍ରଦାନ କରାଯିବ। ୨୦୨୮-୨୯ ମସିହା ପର୍ଯ୍ୟନ୍ତ ୮୦ ହଜାର ହେକ୍ଟର ସେଚାଞ୍ଚଳରେ ୨ ହଜାର ୪୦୦ କିଲୋମିଟର କଂକ୍ରିଟ୍ କରନାଳୀ ଏବଂ ୬୦ ହଜାର ହେକ୍ଟର ସେଚାଞ୍ଚଳରେ ପୁରାତନ, ଜରାଜୀର୍ଣ୍ଣ କରନାଳୀକୁ କଂକ୍ରିଟରେ ପୁନଃନିର୍ମାଣ ପାଇଁ ୧ ହଜାର ୩୩୮ କୋଟି ଟଙ୍କା ପ୍ରାବଧାନ ରହିଛି। କେନ୍ଦ୍ରର **ସମୃଦ୍ଧି ଯୋଜନା** ମାଧ୍ୟମରେ ସେଚାଞ୍ଚଳ ଉନ୍ନୟନର ଆଧୁନିକୀକରଣ କାର୍ଯ୍ୟକ୍ରମ ପାଇଁ ପାଇଲଟ୍ ପ୍ରକଳ୍ପ ଗ୍ରହଣ କରାଯାଇଛି। ୨ ହଜାର ୧୪୩ଟି ସୌରଶକ୍ତିଚାଳିତ ଗଭୀର ନଳକୂପ ମାଧ୍ୟମରେ ପ୍ରାୟ ୬ ହଜାର ୫୦୦ ହେକ୍ଟର ଚାଷଜମିକୁ ଅତିରିକ୍ତ ଜଳସେଚନ ସୁବିଧା କରାଯାଇ ରବି ଏବଂ ଗ୍ରୀଷ୍ମଋତୁରେ ଫସଲ ଉତ୍ପାଦନ କରାଯାଉଛି। ମହିଳାମାନଙ୍କୁ ପାଣି ପଞ୍ଚାୟତରେ ସମ୍ପୃକ୍ତି ଓ ସମାନତାର ଅଧିକାର ପ୍ରଦାନ ପାଇଁ ବ୍ୟବସ୍ଥା କରାଯାଇଛି।

**ଢେଙ୍କାନାଳ** ଜିଲ୍ଲା ରେଙ୍ଗାଳି ଦକ୍ଷିଣ ଜଳସେଚନ ମଣ୍ଡଳ ପକ୍ଷରୁ ସଚେତନତା ରଥକୁ ଜିଲ୍ଲାପାଳ ଆଶୀଷ ଈଶ୍ୱର ପାଟିଲ ଶୁଭାରମ୍ଭ କରିଛନ୍ତି। ଏହି ରଥ ବିଭିନ୍ନ ଗ୍ରାମ ପରିକ୍ରମା କରି ପାଣି ପଞ୍ଚାୟତର କାର୍ଯ୍ୟକାରିତା, ସେଚାଞ୍ଚଳ ଉନ୍ନୟନ ଓ ସେଚ ପରିଚାଳନା ସମ୍ପର୍କରେ ଚାଷୀମାନଙ୍କୁ ସଚେତନ କରାଇବ।

**ବଲାଙ୍ଗିର** ଜିଲ୍ଲା ଉଠା ଜଳସେଚନ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଉପଯୁକ୍ତ ଜଳପରିଚାଳନା ପାଇଁ ଚାଷୀମାନଙ୍କୁ ବିଭାଗୀୟ ଅଧିକାରୀମାନେ ଶପଥପାଠ କରାଇଥିଲେ।

## ପାଣି ପଂଚାୟତ ପକ୍ଷ-୨

**ଗଜପତି** ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଉଠା ଜଳସେଚନ ବିଭାଗ ପକ୍ଷରୁ ପାଣିପଂଚାୟତ ପକ୍ଷ ପାଳନ ଅବସରରେ ଚାଷୀମାନଙ୍କୁ ଏହି ଦିବସ ପାଳନର ଗୁରୁତ୍ୱ ଉପରେ ଅବଗତ କରାଯାଇଥିଲା। ଜିଲ୍ଲା ପରିଷଦ ସଭାପତି ଜି.ତିରୁପତି ରାଓ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଯୋଗଦେଇ ଜଳସମ୍ପଦର ସୁବିନିଯୋଗ କରିବା ସମ୍ପର୍କରେ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ।

# ପଠନ ପ୍ରୋତ୍ସାହନ ସପ୍ତାହ

ରାଜ୍ୟର ସବୁ ପିଏମ୍‌ଶ୍ରୀ ବିଦ୍ୟାଳୟରେ 'ପଢ଼ିବା ଗଢ଼ିବା ଓଡ଼ିଶା' ପଠନ ପ୍ରୋତ୍ସାହନ ସପ୍ତାହ ଆଜିଠାରୁ ଆସନ୍ତା ୧୦ତାରିଖ ପର୍ଯ୍ୟନ୍ତ ପାଳନ କରାଯିବ । ଏହାପରେ ଜିଲ୍ଲାସ୍ତରୀୟ ପଠନ ନବସୃଜନ ପ୍ରଦର୍ଶନ ଏବଂ ରାଜ୍ୟସ୍ତରୀୟ ପଠନ ଉତ୍କର୍ଷ ମେଳା ଆୟୋଜନ କରାଯିବାର କାର୍ଯ୍ୟସୂଚୀ ସ୍ଥିର ହୋଇଛି । ଚଳିତ ଆର୍ଥିକ ବର୍ଷ ପାଇଁ ୭୬୨ଟି ପିଏମ୍‌ଶ୍ରୀ ବିଦ୍ୟାଳୟକୁ ସରକାରଙ୍କ ପକ୍ଷରୁ ପାଣ୍ଠି ଆବଣ୍ଟନ କରାଯାଇଛି ।

## ଶିଶିର ମେଳା

ଜାତୀୟ ସ୍ତରୀୟ ଶିଶିର ସରସ ମେଳା ୨୦୨୬ ଆସନ୍ତା ୧୦ ତାରିଖରୁ ଭୁବନେଶ୍ୱର ଇଡକୋ ପ୍ରଦର୍ଶନୀ ପଡ଼ିଆ ଆରମ୍ଭ ହେବ। ଚଳିତବର୍ଷ ଏହି ମେଳାରେ ୩୦ କୋଟି ଟଙ୍କାର ବ୍ୟବସାୟ ଲକ୍ଷ୍ୟ ରଖାଯାଇଛି ବୋଲି ପଂଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ କହିଛନ୍ତି। ଏହି ମେଳାରେ ମୋଟ ୩୪୦ଟି ଷ୍ଟଲରେ ସ୍ୱୟଂସହାୟକଙ୍କ ଗୋଷ୍ଠୀଙ୍କ ସମେତ ବିଭିନ୍ନ ଉଦ୍ୟୋଗୀମାନଙ୍କ ହସ୍ତଶିଳ୍ପ ପ୍ରଦର୍ଶନ କରାଯିବ। ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ  ଚାଲିବାକୁ ଥିବା ଏହି ମେଳା ପ୍ରତିଦିନ ସକାଳ ୧୦ ଟାରୁ ରାତି ୧୦ ଟା ପର୍ଯ୍ୟନ୍ତ ଖୋଲା ରହିବ। ପ୍ରତ୍ୟେକ ଦିନ ମେଳାରେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ।

## ଚିଲିକା ବିହଙ୍ଗ ଉତ୍ସବ

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଲୋକସେବା ଭବନ ସମ୍ମିଳନୀ କକ୍ଷରେ ‘ଷଷ୍ଠ ଜାତୀୟ ଚିଲିକା ବିହଙ୍ଗ ଉତ୍ସବ’କୁ ଉଦ୍‌ଘାଟନ କରିଛନ୍ତି। ଆଜିଠାରୁ ଆସନ୍ତା ଗୁରୁବାର ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିବା ଏହି ଉତ୍ସବରେ ଚିଲିକା ଏବଂ ମଙ୍ଗଳାଯୋଡୀରେ ପକ୍ଷୀ ନିରୀକ୍ଷଣ, ନୌକା ଦୌଡ଼, କର୍ମଶାଳା ଏବଂ ବିଶେଷ ଆଲୋଚନା ଚକ୍ର ଆଦି ଅନୁଷ୍ଠିତ ହେଉଛି। ଏହି ତ୍ରି-ଦିବସୀୟ ମହୋତ୍ସବରେ ଜୈବ ବିବିଧତାର ସଂରକ୍ଷଣ ସହ ଚିଲିକାରେ ପକ୍ଷୀଙ୍କ ସୁରକ୍ଷା ଏବଂ ଦାୟିତ୍ୱପୂର୍ଣ୍ଣ ପର୍ଯ୍ୟଟନ ଅଭ୍ୟାସକୁ ପ୍ରୋତ୍ସାହିତ କରିବାରେ ସହାୟକ ହେଉଛି ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

ଉଦ୍‌ଘାଟନୀ ଉତ୍ସବରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ମଧ୍ୟ ଉପସ୍ଥିତ ଥିଲେ।

ପ୍ରତ୍ୟେକ ବର୍ଷ ଡିସେମ୍ବରରୁ ଫେବୃଆରୀ ମଧ୍ୟରେ ୧୫୦ରୁ ଅଧିକ ପ୍ରଜାତିର ପ୍ରାୟ ୧୦ ଲକ୍ଷ ପକ୍ଷୀ ରୁଷ୍, ସାଇବେରିଆ ଓ ମଙ୍ଗୋଲିଆ ଭଳି ଦେଶରୁ ଚିଲିକାକୁ ଆସିଥାନ୍ତି।

## ପାଣିପାଗ

ରାଜ୍ୟରେ ଶୀତର ଲହରୀ ଜାରି ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୨୪ଘଣ୍ଟା ମଧ୍ୟରେ ଘନକୁହୁଡି ହେବା ନେଇ ବୌଦ୍ଧ, କନ୍ଧମାଳ, ନୟାଗଡ଼, କୋରାପୁଟ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।